# ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ

*(Registration under Societies Act No. XXI of 1860. Regd. No. 2275-31/1989-90)*

# ସଂବିଧାନ

## ୧୯୮୮

- ପ୍ରଣୟନ ଓ ପ୍ରସ୍ତୁତି -

ଆଡ୍‌ଭୋକେଟ - **ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ,** ଏ.ସି.ପି, ଭୁବନେଶ୍ୱର

- ସଂଶୋଧନ ଓ ସ୍ୱୀକୃତି -

**ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ**

**ପ୍ଲଟ୍ ନଂ ୧, ପ୍ରଥମ ମହଲା, ଷ୍ଟଲ୍‌ୱାର୍ଟସ୍ ରେସିଡେନ୍‌ସି (ଶିରିଡି ସାଇ ମନ୍ଦିର ପାଖ)**

**ପଟିଆ, ଭୁବନେଶ୍ୱର**

ମୂଲ୍ୟ - ତିରିଶି ଟଙ୍କା

# ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ

ସାଂପ୍ରତିକ ଶୌଣ୍ଡିକ ସମାଜ ମୂଳତଃ ହୈହୟ କ୍ଷତ୍ରିୟ । ଶାସ୍ତ୍ର-ପୁରାଣମାନଙ୍କରେ ଏହାର ସୁସ୍ପଷ୍ଟ ବର୍ଣ୍ଣନା ରହିଛି । ଅଗ୍ନିପୁରାଣରେ ଅଧ୍ୟାୟ ୨୭୪ରେ ଯଦୁବଂଶୋଦ୍ଭବ ହୈହୟଙ୍କର ବଂଶ-ବୃକ୍ଷର ପ୍ରାଞ୍ଜଳ ଉଲ୍ଲେଖ ଅଛି । ବ୍ରହ୍ମପୁରାଣ, ରାମାୟଣ, ମହାଭାରତ, ମତ୍ସ୍ୟପୁରାଣ, ଗଣରତ୍ନ-ମହୋଦଧି ଆଦିରେ ମଧ୍ୟ ଅନୁରୂପ ଉଲ୍ଲେଖ ରହିଛି । ଅଗ୍ନି ପୁରାଣର ସାମାନ୍ୟ ଉଦ୍ଧୃତିରୁ ଏହା ପ୍ରମାଣିତ ହୁଏ । ଯଥା-

"ଧର୍ମନେତ୍ରୋ ହୈହୟସ୍ୟ ଧର୍ମନେତ୍ରସ୍ୟ ସଂହନଃ ।
ମହିମା ସହନସ୍ୟାମୀନ୍ନହିମ୍ନୋ ଭଦ୍ରସେନକଃ । x x x
ଜୟଧ୍ୱଜାତ୍ତାଳଜଂଘାସ୍ତାଳ ଜଂଘତ୍ତତଃ ସୁତା ।
ହୈହୟନାଂ କୁଳାପଞ୍ଚଃ ଭୋଜାଶ୍ଚାବନ୍ତୟ ସ୍ତଥା ।
ବୀତିହୋତ୍ରାଃ ସ୍ୱୟଂଜାତାଃ ଶୌଣ୍ଡିକେୟାସ୍ତଥୈବ ଚ ।
ବୀତିହୋତ୍ରାଦନନ୍ତୋଽଭୂଦନତାଦ୍ ଦୁର୍ଜୟୋ ନୃପଃ ।"

ହୈହୟ ରାଜବଂଶରେ ଦ୍ୱାଦଶ ବଂଶଧରଙ୍କ ନାମ ଶୌଣ୍ଡିକେୟ । ତାଙ୍କ ବଂଶୋଦ୍ଭବ ଗଣ ଶୌଣ୍ଡିକ ଜାତି ରୂପେ ପରିଗଣିତ ହେଲେ ।  ମାଳବ, ମାହେଷ୍ମତୀପୁର ଅଞ୍ଚଳରେ ମୁଖ୍ୟତଃ ବିନ୍ଧ୍ୟାଚଳ ପରିପାର୍ଶ୍ୱରେ ହୈହୟସାମ୍ରାଜ୍ୟ ପ୍ରତିଷ୍ଠିତ ଥିଲା । ଓଡ଼ିଶାର ପଶ୍ଚିମାଞ୍ଚଳ ମଧ୍ୟ ଏହାର ଅନ୍ତର୍ଭୁକ୍ତ ଥିଲା । ସେଠାରୁ ହୈହୟ କ୍ଷତ୍ରିୟଗଣ ସମଗ୍ର ଦେଶକୁ ପ୍ରସାରିତ ହୋଇଥିଲେ ।

ହୈହୟ ରାଜବଂଶ ଅତ୍ୟନ୍ତ ପ୍ରଭାବଶାଳୀ, ଧର୍ମ ପରାୟଣ, ଦାନୀ ଓ ପ୍ରଜାପାଳକ ଥିଲେ । ବ୍ରାହ୍ମଣମାନେ ଏମାନଙ୍କ ଦାନରେ ବିତ୍ତଶାଳୀ ଓ ସୁଖୀ ଥିଲେ । ମହାବୀର କାର୍ତ୍ତବୀର୍ଯ୍ୟ ଏହି ବଂଶୋଦ୍ଭବ । ସେ ମଧ୍ୟ ଶୈବ ଓ ବ୍ରାହ୍ମଣ ପ୍ରେମୀ ଥିଲେ । ଏକଦା ଦୁର୍ଭିକ୍ଷ କାଳରେ ସାଧାରଣ ପ୍ରଜାଗଣଙ୍କୁ ବଞ୍ଚାଇବା ପାଇଁ ଖାଦ୍ୟ ଓ ଅର୍ଥ ସଂଗ୍ରହ କରିବାକୁ ଯାଇଁ, କୁଣ୍ଠିତ ବ୍ରାହ୍ମଣମାନଙ୍କ ଉପରେ ସେ ବଳ ପ୍ରୟୋଗ କରିଥିଲେ । ଜମଦଗ୍ନିଙ୍କ କାମଧେନୁ ଅପହରଣ ଏହାର ପ୍ରତୀକ ବର୍ଣ୍ଣନା । ଏହାର ପ୍ରତିଶୋଧାର୍ଥ ବ୍ରାହ୍ମଣବୀର ପରଶୁରାମ କ୍ଷତ୍ରିୟ ବିନାଶରେ ବ୍ରତୀ ହୋଇଥିଲେ । ତାଙ୍କର ପ୍ରତିଶୋଧ ଗ୍ରହଣ କାଳରେ ହୈହୟ କ୍ଷତ୍ରିୟଗଣ ଆତ୍ମରକ୍ଷା ଦୃଷ୍ଟିରୁ ଛଦ୍ମତାରେ ବୈଶ୍ୟ ବୃତ୍ତି ଗ୍ରହଣ ଏବଂ ଅରଣ୍ୟରେ ଆତ୍ମଗୋପନ ମଧ୍ୟ କରିଥିଲେ । ଏହି ପରିପ୍ରେକ୍ଷୀରେ ମହାଭାରତର 'ଶାନ୍ତିପର୍ବ'ରେ ପୃଥିବୀ, କାଶ୍ୟପ ମହାଶୟଙ୍କୁ କହିଛନ୍ତି,

"ସନ୍ତି ବ୍ରହ୍ମନ୍ ମୟା ଗୁପ୍ତାଃ ସ୍ତ୍ରୀଷୁ କ୍ଷାତ୍ରୟ ପୁଙ୍ଗବାଃ
ହୈହୟାନାଂ କୁଳେ ଜାତାସ୍ତେ ସଂରକ୍ଷନ୍ତୁ ମା ମୁନେ ।"

ପରଶୁରାମଙ୍କ ଭୟରେ ହୈହୟମାନେ କ୍ଷତ୍ରିୟରୁ ବୈଶ୍ୟ ହୋଇଗଲେ । ଯୁଦ୍ଧରତ କ୍ଷତ୍ରିୟମାନଙ୍କ ମଦ୍ୟପାନର ଅପରିହାର୍ଯ୍ୟତା ଦୃଷ୍ଟିରୁ କ୍ଷତ୍ରିୟ ସମାଜରେ ହୁଏତ ସେମାନେ ମଦ୍ୟ ଉତ୍ପାଦକ-ଗୋଷ୍ଠୀ ଭାବରେ କାର୍ଯ୍ୟ କରୁଥିଲେ । ବୌଦ୍ଧ ଧର୍ମର ପ୍ରାବଲ୍ୟରେ ଯୁଦ୍ଧ ଓ ମଦ୍ୟ ନିଷିଦ୍ଧ ହେବା ଫଳରେ ସେମାନେ ସମାଜର ନିମ୍ନସ୍ତରକୁ ଖସିଗଲେ ।

ନାନା ବିପର୍ଯ୍ୟୟ ସତ୍ତ୍ୱେ ଶୌଣ୍ଡିକ ସମାଜ ଯେ କ୍ଷତ୍ରିୟ, ଏହା ନିଃସନ୍ଦେହ । 'ଗଣରତ୍ନ-ମହୋଦଧି'ର 'କ୍ଷତ୍ରିୟଜାତି-ପ୍ରକର୍ମ'ରେ ଯଥାର୍ଥ ଭାବରେ ବର୍ଣ୍ଣିତ ହୋଇଛି-

"ଶୌଣ୍ଡିକ କୁଚବାରୋଽଥ ସର୍ବସେନ ଶଠୌ ଶକଃ ।
ସର୍ବକେଶ ରହୌ ବୋଧଶ୍ଚଗକଃ ଶଙ୍ଖ-ଶଙ୍କରୌ ।"

ପୁନଶ୍ଚ, 'ମାନବ ଧର୍ମ ଶାସ୍ତ୍ର'ରେ ହୀନ ଶଙ୍କର ଜାତିମାନଙ୍କର ଉଲ୍ଲେଖ ଥିବା ସ୍ଥଳେ, ଶୌଣ୍ଡିକ ଜାତିର ନାମ ସେହି ପର୍ଯ୍ୟାୟରେ ନାହିଁ । ସେଥିରେ 'ଶୌଣ୍ଡିକ-ବୈଶ୍ୟ' ଜାତିର ଉଲ୍ଲେଖ ରହିଛି । ତେଣୁ ଶୌଣ୍ଡିକ ସମାଜ ନିଃସନ୍ଦେହରେ

କ୍ଷତ୍ରିୟ ଥିଲେ ଏବଂ କାଳକ୍ରମେ ବୈଶ୍ୟ ହୋଇଛନ୍ତି, କିନ୍ତୁ ସେମାନଙ୍କ ସାମାଜିକ ପରମ୍ପରା ଆଚରଣ ଆଦି କ୍ଷତ୍ରିୟୋଚିତ । ସେମାନଙ୍କ ଉପାଧି- ସେନାପତି, ଉତ୍ତରକବାଟ, ସାମନ୍ତରାୟ, ପରିଡ଼ା, ବିଷୋଇ ପ୍ରଧାନ, ମାହାପାତ୍ର ଆଦିରୁ ଏହାର ସ୍ପଷ୍ଟ ପ୍ରମାଣ ମିଳେ ।

ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ ବିଭିନ୍ନ ୫୨ଟି ଉପାଧିଧାରୀ ହୋଇ ଦେଶର ବିଭିନ୍ନାଞ୍ଚଳରେ ବାସ କରୁଛନ୍ତି । ସେହି ଉପାଧି ଗୁଡିକ ହେଲା- ଆହୁଲା ଆ୍ୟାଲିଆ, ଔମର, କର୍ଣ୍ଣବାଲ, କଲସେରି, କଲ୍ୟୁପାଲ, କଲବାର, କାଂସରା, ଖଣ୍ଡେଲଓ୍ୟାଲା, ଗୌଡ, କନୋଜିଆ, ଚୌହାନ, ଜୟସ୍ୱାଲ୍, ଜୈନ, ଦଣ୍ଡସେନ, ଧନେଶ୍ୱରୀ, ଭୋଜପୁରିଆ, ମାଥୁର. ମାଲବିୟା, ମାହେଶ୍ୱରୀ, ମଣ୍ଡଳ, ରାୟ, ସାହା (ସାହୁ), ଶୌଣ୍ଡିକ, ସୋମବଂଶୀ, ସୋଲଙ୍କି ଇତ୍ୟାଦି । ନିଖିଳ ଭାରତ ସ୍ତରରେ ଏହା ସମାଜ ସଂଗଠନ ୧୯୦୪ ମସିହାରେ ଆରମ୍ଭ ହୋଇଛି । ଉଦ୍ୟୋକ୍ତା ଭାବରେ ବିହାର କେଶରୀ ୰ବାରିଷ୍ଟର୍ ଦୀପ୍ ନାରାୟଣ ସିଂହ, ମୁଙ୍ଗେରର ରାଜା ୰ଦେବକୀନନ୍ଦନ ପ୍ରସାଦ ସିଂହ, ସ୍ୱନାମଧନ୍ୟ ଐତିହାସିକ ବାରିଷ୍ଟର ୰କାଶୀପ୍ରସାଦ ଜୟସ୍ୱାଲ୍ ପ୍ରମୁଖ କାର୍ଯ୍ୟ କରିଥିଲେ ।

ସଂପ୍ରତି ଏହି ସମାଜର ସଂଗଠନ, ସଂବିଧାନ, ଐତିହ୍ୟର ସ୍ମୃତି-ଚାରଣ, ସମସ୍ତ ସଂକୀର୍ଣ୍ଣତା, ସାଂପ୍ରଦାୟିକତାର ଉର୍ଦ୍ଧ୍ୱରେ ଶାନ୍ତି-ସହଯୋଗର ଭୂମିକାରେ କେବଳ ଦେଶଗଠନ-ଭିତ୍ତିକ ବୃତ୍ତିଗ୍ରହଣ, ମହାଭାରତୀୟ ଜାତିରେ ସମନ୍ୱିତ ହେବା ପାଇଁ ଉତ୍ତରଣ ନିମନ୍ତେ ଉଦ୍ଦିଷ୍ଟ । ଭଗବାନ କରନ୍ତୁ, ସ୍ୱକୀୟ ସଂବିଧାନ ଅନୁଯାୟୀ ଏହି ଜାତି ମର୍ଯ୍ୟାଦାବନ୍ତ, ସମକକ୍ଷ ମହାଭାରତୀୟ ଜାତି ଭାବରେ ପ୍ରତିଷ୍ଠିତ ହେଉ ।

ଜୟ ଜଗନ୍ନାଥ ।

# ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ

## ସଂବିଧାନ

**୧. ନାମ ଓ ସଂଜ୍ଞା (Definition) -** ଏହି ଅନୁଷ୍ଠାନ 'ନିଖିଳ ଉତ୍କଳ ହୈହୟ-କ୍ଷତ୍ରିୟ (ଶୌଣ୍ଡିକ) ସମାଜ, ନାମରେ ଅଭିହିତ ହେବ ।

**୨. କାର୍ଯ୍ୟାଳୟ (Office) -** ଏହାର କାର୍ଯ୍ୟାଳୟ ରାଜଧାନୀ ଭୁବନେଶ୍ୱରରେ ରହିବ ।
ଠିକଣା - ପ୍ଲଟ୍ ନଂ ୧, ପ୍ରଥମ ମହଲା, ଷ୍ଟଲ୍‌ୱାର୍ଟସ୍ ରେସିଡେନ୍‌ସି (ଶିରିଡି ସାଇ ମନ୍ଦିର ପାଖ), ପଟିଆ, ଭୁବନେଶ୍ୱର

**୩. ପରିସର (Jurisdiction)** - ମୁଖ୍ୟତଃ ରାଜନୈତିକ ଓଡିଶା ଏହାର ପରିସର ହେବ । ସାମାଜିକ ନିବନ୍ଧନ ପରିପ୍ରେକ୍ଷୀରେ ଏହାର ପରିସର ରାଜ୍ୟ ବାହାରେ ଅବସ୍ଥିତ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ପ୍ରସାରିତ ହୋଇପାରିବ ।

**୪. ଲକ୍ଷ୍ୟ ଓ ଉଦ୍ଦେଶ୍ୟ (Aims and Objectives) -** (କ) ଜାତି-ଧର୍ମ-ବର୍ଣ୍ଣ-ନିରପେକ୍ଷ ମହାଭାରତୀୟ ସମାଜ-ଗଠନ ଦୃଷ୍ଟିରୁ ହୈହୟ କ୍ଷତ୍ରିୟ ଜାତିକୁ ସୁଯୋଗ୍ୟ ତଥା ସମକକ୍ଷ ଭାବରେ ସଂଗଠିତ କରିବା । ଏହି ପରିପ୍ରେକ୍ଷୀରେ ସ୍ୱଜାତୀୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିକ୍ଷିତ, ସଭ୍ୟ ଓ ସ୍ୱଚ୍ଛଳ କରିବା ।

(ଖ) ରାଜନୈତିକ ଓଡ଼ିଶାର ତଥା ବିଚ୍ଛିନ୍ନାଞ୍ଚଳର ହୈହୟ କ୍ଷତ୍ରିୟ ସମାଜକୁ ଅଗ୍ରଗତି ଓ ରାଷ୍ଟ୍ରାନୁଗତ୍ୟ-ଭିତ୍ତିରେ ଏକତାବଦ୍ଧ କରିବା ।

(ଗ) ସର୍ବବିଧ ସଂକୀର୍ଣ୍ଣତା ଓ ଆଞ୍ଚଳିକତାର ଉର୍ଦ୍ଧ୍ୱରେ ସମାଜକୁ ପ୍ରଗତିଶୀଳ, ସଂସ୍କୃତି-ସଂପନ୍ନ, କୁସଂସ୍କାରମୁକ୍ତ କରିବା ।

(ଘ) ସମାଜର ଅର୍ଥନୈତିକ ଅଭିବୃଦ୍ଧିପାଇଁ ସ୍ୱଜାତୀୟ ନରନାରୀଙ୍କୁ ନିଯୁକ୍ତି ଓ ସ୍ୱାବଲମ୍ବନଶୀଳ ବୃତ୍ତି ଗ୍ରହଣରେ ସାହାଯ୍ୟ କରିବା ।

(ଙ) ସମାଜରୁ କୁସଂସ୍କାର, ଯୌତୁକ-ପ୍ରଥା, ବିଭେଦ, ଅସାମଞ୍ଜସ୍ୟ, ଆଦିର ବିଲୋପକଳ୍ପେ ସହଯୋଗ ଓ ମୈତ୍ରୀ-ସ୍ଥାପନ ।

(ଚ) ସମାଜ-କଲ୍ୟାଣ-ପାଣ୍ଠି ଗଠନ ସୂତ୍ରରେ ଦରିଦ୍ର, ମେଧାବୀ ଛାତ୍ରଙ୍କୁ ସାହାଯ୍ୟଦାନ ଏବଂ ଶିକ୍ଷାନୁଷ୍ଠାନ, ପାଠାଗାର, ପ୍ରୌଢ଼-ଶିକ୍ଷାକେନ୍ଦ୍ର ସ୍ଥାପନାଦିର ବ୍ୟବସ୍ଥା ।

(ଜ) ଜାତୀୟ-ସଂହତି ଓ ମହାଭାରତୀୟ ଜାତୀୟତାର ବିକାଶ ସାଧନ ।

(ଝ) ସମାଜରେ ବନ୍ୟା ବାତ୍ୟା ମରୁଡି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟରେ ସାହାଯ୍ୟ ଦାନ ।

(ଞ) ସମାଜରେ ସାହିତ୍ୟ-ସଂସ୍କୃତି-କଳା-କ୍ରୀଡାଦିର ବିକାଶ ବ୍ୟବସ୍ଥା ।

**୫. ପରିଭାଷା (Terms) -** (କ) ସଂବିଧାନ କହିଲେ, 'ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ'ର ସଂବିଧାନକୁ ବୁଝାଇବ ।

(ଖ) ହୈହୟ କହିଲେ ଶାସ୍ତ୍ର-ପୁରାଣ ବର୍ଣ୍ଣିତ ହୈହୟ କ୍ଷତ୍ରିୟ ଜାତିର ବଂଶଧର ସାଂପ୍ରତିକ ଶୌଣ୍ଡିକ ସମାଜକୁ ବୁଝାଇବ ।

(ଗ) ସଭାପତି କହିଲେ ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ ସମାଜର ନିର୍ବାଚିତ ସଭାପତିଙ୍କୁ ବୁଝାଇବ ।

(ଘ) ସଂପାଦକ କହିଲେ ସମାଜର ନିର୍ବାଚିତ ସଂପାଦକଙ୍କୁ ବୁଝାଇବ ।

(ଙ) କୋଷାଧ୍ୟକ୍ଷ କହିଲେ ସମାଜର ନିର୍ବାଚିତ କୋଷାଧ୍ୟକ୍ଷଙ୍କୁ ବୁଝାଇବ ।

(ଚ) ସାଧାରଣ ପରିଷଦ କହିଲେ ନି.ଉ. ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜକୁ ବୁଝାଇବ ।

(ଛ) କାର୍ଯ୍ୟନିର୍ବାହିକା-ସମିତି କହିଲେ ସମାଜର କାର୍ଯ୍ୟନିର୍ବାହିକା ସମିତିକୁ ବୁଝାଇବ ।

(ଜ) ନିୟମାବଳୀ କହିଲେ ସମାଜର ଲିଖିତ ନିୟମ ଏବଂ ପାରମ୍ପରିକ ନ୍ୟାୟ-ସଂଗତ କୌଳିକ ନିୟମକୁ ବୁଝାଇବ ।

୬. **ସଦସ୍ୟତା (Membership)** - (କ) ସାଂପ୍ରତିକ ଶୌଣ୍ଡିକ ସମାଜର ମୂଳଉତ୍ସ ହୈହୟ କ୍ଷତ୍ରିୟ ସମାଜ ହୋଇଥିବାରୁ, ଓଡ଼ିଶାବାସୀ ପ୍ରତ୍ୟେକ ପ୍ରାପ୍ତବୟସ୍କ ଶୌଣ୍ଡିକ ନରନାରୀ ଗୁରୁତର ଅପରାଧୀ କିମ୍ବା ଦୁରାରୋଗ୍ୟ ସଂକରାମକ ବ୍ୟାଧିଗ୍ରସ୍ତ, ଅଥବା ପାଗଳ ନ ହୋଇଥିଲେ ନିର୍ଦ୍ଦିଷ୍ଟ ଶପଥ-ପତ୍ରରେ ସ୍ୱାକ୍ଷର କରି ଏବଂ ନିର୍ଦ୍ଦିଷ୍ଟ ସଭ୍ୟ-ଶୁଳ୍କ ଦେଇ ସଭ୍ୟ ହୋଇପାରିବେ ।

(ଖ) ଓଡ଼ିଶାରେ ସ୍ଥାୟୀ ଭାବରେ ବାସକରୁଥିବା ଅନ୍ୟ ରାଜ୍ୟର ହୈହୟ କ୍ଷତ୍ରିୟ ନରନାରୀମାନେ ମଧ୍ୟ କାର୍ଯ୍ୟବାହିକା ସମିତିର ଅନୁମୋଦନକ୍ରମେ ଅନୁରୂପ ଭାବରେ ସଭ୍ୟ ହୋଇପାରିବେ ।

୭. **ସଦସ୍ୟତାର ଅବସାନ (Delation of membership)** - (କ) କୌଣସି ସଭ୍ୟ ସ୍ୱେଚ୍ଛାରେ ଅନୁଷ୍ଠାନରୁ ଅବ୍ୟାହତି ନେଲେ, ତାଙ୍କ ସଦସ୍ୟତାର ଅବସାନ ହେବ ।

(ଖ) ସଂବିଧାନ ବିରୋଧୀ କାର୍ଯ୍ୟକରି କେହି ବହିଷ୍କୃତ ହେଲେ, ସଦସ୍ୟତା ହରାଇବେ ।

(ଗ) କୌଣସି ସଦସ୍ୟଙ୍କର ମୃତ୍ୟୁରେ ତାଙ୍କ ସଦସ୍ୟତାର ଅବସାନ ଘଟିବ ।

୮. **ସାଧାରଣ ପରିଷଦ (General Body)** - (କ) ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜର ସମସ୍ତ ସଭ୍ୟଙ୍କୁ ନେଇ ସାଧାରଣ ପରିଷଦ ଗଠିତ ହେବ । ଏହାର ନେତୃତ୍ୱ ବା ପରିଚାଳନା ପାଇଁ ବର୍ଷକ ନିମନ୍ତେ ସାଧାରଣ ପରିଷଦର ବାର୍ଷିକ ଅଧିବେଶନରେ ବହୁ ମତରେ ସଭାପତି, ଉପସଭାପତି, ସଂପାଦକ, ସହସଂପାଦକ, କୋଷାଧ୍ୟକ୍ଷ ଓ ଆୟ-ବ୍ୟୟ-ସମୀକ୍ଷକ ନିର୍ବାଚିତ ହେବେ । ଏହି ଅଧିବେଶନର ପରବର୍ତ୍ତୀ ବର୍ଷ ନିମନ୍ତେ କାର୍ଯ୍ୟକ୍ରମ ଓ ଆୟ-ବ୍ୟୟ ଅଟକଳ (ବଜେଟ୍) ଗୃହୀତ ହେବ ।

୯. **କାର୍ଯ୍ୟନିର୍ବାହିକା-ସମିତି (Executive Committee)** - ସାଧାରଣ ଅଧିବେଶନରେ ନିର୍ଦ୍ଧାରିତ ତଥା ଗୃହୀତ କାର୍ଯ୍ୟକ୍ରମର ରୂପାୟନ ପାଇଁ ସଭାପତି ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିନିଧି-ସ୍ଥାନୀୟ ୧୪ରୁ ୨୧ ଜଣ ସଭ୍ୟଙ୍କୁ ନେଇ କାର୍ଯ୍ୟନିର୍ବାହିକା-ସମିତି ଗଠନ କରିବେ । ସଂଗଠନର ସୁବିଧା ଦୃଷ୍ଟିରୁ ଜିଲ୍ଲା, ବ୍ଲକ ସ୍ତରୀୟ ସମିତିମାନ ଗଠନ କରିବେ ବା ବିଧିବଦ୍ଧ ଭାବରେ ଗଠିତ ସମିତିମାନଙ୍କୁ ସ୍ୱୀକୃତି ଦେବେ ।

**(ଖ) ଉପସମିତି** - କାର୍ଯ୍ୟପରିଚାଳନାର ସୁବିଧା ଦୃଷ୍ଟିରୁ (୧) ଅର୍ଥ ଉପସମିତି (୨) ଶିକ୍ଷା ଉପ-ସମିତି (୩) ବୈବାହିକ ବ୍ୟବସ୍ଥା ବିଧାନ ଉପସମିତି (୪) ସାଂସ୍କୃତିକ ଉପସମିତି ଏବଂ ଆବଶ୍ୟକ ହେଲେ ଅନ୍ୟାନ୍ୟ ଉପସମିତି ୩ରୁ ୫ ଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ ଏବଂ କାର୍ଯ୍ୟନିର୍ବାହିକା ସମିତିର ନିର୍ଦ୍ଦେଶନାରେ ଏମାନେ କାର୍ଯ୍ୟ କରିବେ ।

୧୦. **ଉପଦେଷ୍ଟା ମଣ୍ଡଳୀ (Advisory Board)** - ସଭାପତି ସମାଜକୁ ଦିଗ୍‌ଦର୍ଶନ ଦେବା ଦୃଷ୍ଟିରୁ ସ୍ୱଜାତିର ବର୍ଷୀୟାନ୍ ବିଶେଷଜ୍ଞ ତଥା ଅଭିଜ୍ଞ ସଜ୍ଜନଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରିବେ ଏବଂ ଏହି ମଣ୍ଡଳୀ ସର୍ବାଧିକ ୧୧ ସଦସ୍ୟ ବିଶିଷ୍ଟ ହେବ । ଏମାନଙ୍କର ମତଦାନ ଅଧିକାର ନଥିଲେ ମଧ୍ୟ ଏମାନଙ୍କ ପରାମର୍ଶ ଓ ଉପଦେଶ ଯଥାର୍ଥ ମାନ୍ୟତା ଲାଭକରିବ ।

**୧୧. ଅଧିବେଶନ (Meeting)** - (କ) ସାଧାରଣ ପରିଷଦର ଅଧିବେଶନ ବାର୍ଷିକ ଅଧିବେଶନ ରୂପେ ବର୍ଷ ଶେଷରେ ଥରେ ବସିବ । ଆବଶ୍ୟକ ହେଲେ ଏହାର ବିଶେଷ ଅଧିବେଶନ ବସିପାରେ ।

(ଖ) କାର୍ଯ୍ୟ ନିର୍ବାହିକା-ସମିତିର ଅଧିବେଶନ ପ୍ରତିମାସରେ ଥରେ ବସିବ । ଆବଶ୍ୟକ ହେଲେ ସ୍ୱତନ୍ତ୍ର ଅଧିବେସନ ବସିପାରେ ।

**୧୨. ବିଜ୍ଞାପନ (Notice)** - (କ) ସାଧାରଣ ପରିଷଦ ବା ବାର୍ଷିକ ଅଧିବେଶନ ପାଇଁ ସଭାପତିଙ୍କ ବରାଦ୍ ବା ଅନୁମୋଦନ କ୍ରମେ ସଂପାଦକ ୨୧ଦିନ ପୂର୍ବରୁ ଏବଂ କାର୍ଯ୍ୟ ନିର୍ବାହିକ ସମିତି ନିମନ୍ତେ ଅଧିବେଶନର ୭ଦିନ ପୂର୍ବରୁ ସଭ୍ୟମାନଙ୍କୁ ବିଜ୍ଞାପନ ଦେବେ ।

(ଖ) ସଭାପତି ବା ସଂପାଦକ କୌଣସି ଅଧିବେଶନ ଉଦ୍ଦେଶ୍ୟମୂଳକ ଭାବେ ନ ଡାକିଲେ ଅନ୍ୟୂନ କାର୍ଯ୍ୟ ନିର୍ବାହିକା ସମିତିର ଏକ ତୃତୀୟାଂଶ ସଦସ୍ୟ ବରାଦୀ ବୈଠକ (Requissation Meeting) ପାଇଁ ସଭାପତିଙ୍କୁ ବିଜ୍ଞାପନ ଦେଇପାରିବେ ।

**୧୩. ସର୍ବନିମ୍ନ ଉପସ୍ଥାନ (Quorum)** - ସାଧାରଣ ପରିଷଦ ବା କାର୍ଯ୍ୟନିର୍ବାହିକା ସମିତିରେ ସର୍ବନିମ୍ନ ଏକତୃତୀୟାଂଶ ସଭ୍ୟ ଉପସ୍ଥିତ ରହିଲେ, ତାହା ବିଧି-ସଂଗତ ବିବେଚିତ ହେବ । ମୂଲତବୀ (Adjourn) ଅଧିବେଶନରେ ଏକ ତୃତୀୟାଂଶ ଉପସ୍ଥାନ ମଧ୍ୟ ବିଧି ସଂଗତ ହେବ ।

**୧୪. କର୍ମକର୍ତ୍ତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ (Duties and Responsibilities of Office Bearers)** - ସଭାପତି ସାଧାରଣ ପରିଷଦ ଓ କାର୍ଯ୍ୟନିର୍ବାହିକା ସମିତିର ଅଧିବେଶନରେ ଅଧକ୍ଷତା କରିବେ । ମାତର ତାଙ୍କ ଅନୁପସ୍ଥିତିରେ ଉପସଭାପତି ଏବଂ ଉଭୟଙ୍କ ଅନୁପସ୍ଥିତିରେ ଜଣେ ସଭ୍ୟ ନିର୍ବାଚିତ ହୋଇ ଅଧକ୍ଷତା କରିବେ ।

**୧୫. ଉପସଭାପତି (Vice-President)** - ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି ସମାଜର ସମସ୍ତ କାର୍ଯ୍ୟ ପରିଚାଳନା କରିବେ ଓ ଅଧିବେଶନ ଗୁଡ଼ିକରେ ଅଧକ୍ଷତା କରିବେ ।

**୧୬. ସଂପାଦକ (Secretary)** - ସମାଜ-ପରିଚାଳନାର କେନ୍ଦ୍ରବିନ୍ଦୁ ସଦୃଶ ସଂପାଦକ ସାଧାରଣ ପରିଷଦ ଓ କାର୍ଯ୍ୟ ନିର୍ବାହିକା-ସମିତିର ନିର୍ଦ୍ଧାରିତ କାର୍ଯ୍ୟାବଳୀ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ସହାୟତାରେ କାର୍ଯ୍ୟକାରୀ କରିବେ, ଅଧିବେଶନ ପାଇଁ ବିଜ୍ଞାପନ ଦେବେ, ଅଧିବେଶନ ଗୁଡିକର ବିବରଣୀ ଓ ଆୟବ୍ୟୟ ଲିପିବଦ୍ଧ କରିବେ । ସଭ୍ୟସଂଗ୍ରହ, ସଭ୍ୟ ପଞ୍ଜିକରଣ ଆଦି କାର୍ଯ୍ୟ ତାଙ୍କଦ୍ୱାରା ସମାହିତ ହେବ ।

**୧୭. ସହସଂପାଦକଗଣ (Assistant Secretaries)** - ସଂପାଦକଙ୍କ କାର୍ଯ୍ୟରେ ସହ ସଂପାଦକଗଣ ସହଯୋଗ କରିବେ ଏବଂ ତାଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟ ତୁଲାଇବେ । କାର୍ଯ୍ୟବଣ୍ଟନ ସୂତ୍ରରେ ସେମାନଙ୍କର ସ୍ୱତନ୍ତ୍ର କାର୍ଯ୍ୟ ବା ଦାୟିତ୍ୱ ଥିଲେ, ସେଗୁଡିକୁ କାର୍ଯକାରୀ କରିବେ ।

**୧୮. କୋଷାଧକ୍ଷ (Cashier)** - ସଂପାଦକ ଓ ଭାରପ୍ରାପ୍ତ ସଭ୍ୟଙ୍କ ଦ୍ୱାରା ସଂଗୃହୀତ ସଭ୍ୟଚାନ୍ଦା, ଦାନ ଓ ଅନ୍ୟାନ୍ୟ ଅର୍ଥ, ପ୍ରାପ୍ତିସ୍ୱୀକାର ପୂର୍ବକ ଗ୍ରହଣ କରିବେ ଏବଂ ଦିନକ ମଧ୍ୟରେ ନିର୍ଦ୍ଦିଷ୍ଟ ଡାକଘର ବା ବ୍ୟାଙ୍କରେ ଜମାଦେବ । ଆବଶ୍ୟକ ସମୟରେ ବ୍ୟୟ-ନିର୍ବାହ ଦୃଷ୍ଟିରୁ ଯୁଗ୍ମହିସାବ ନିୟମ ଅନୁଯାୟୀ, ଡାକଘର ବା ବ୍ୟାଙ୍କରୁ ଟଙ୍କା ଉଠାଇବେ । ଅନୁଷ୍ଠାନର ଆୟବୃଦ୍ଧି ପାଇଁ ମଧ୍ୟ ସେ ସମ୍ଭାବ୍ୟ ପଦକ୍ଷେପ ନେବେ ।

**୧୯. ବୟସୀମା (Expenditure Limit)** - ସଭାପତି ତୁରନ୍ତ ବ୍ୟୟ ନିର୍ବାହ ପାଇଁ ୩ ହଜାର ଟଙ୍କା ବରାଦ କରିପାରିବେ ଓ ପରେ କାର୍ଯ୍ୟନିର୍ବାହିକା ସମିତିର ଅନୁମୋଦନ ନେବେ । ଦୈନନ୍ଦିନ ସାଧାରଣ ବ୍ୟୟ ନିର୍ବାହ ନିମନ୍ତେ ସଂପାଦକଙ୍କ ହାତରେ ୧ ହଜାର ଟଙ୍କା ରହି ପାରିବ । ଅଧିକ ଅର୍ଥବ୍ୟବସ୍ଥା କାର୍ଯ୍ୟନିର୍ବାହିକା ସମିତିର ଅନୁମୋଦନ-ସାପେକ୍ଷ ।

**୨୦. ଆୟବ୍ୟୟ ସମୀକ୍ଷା (Audit) -** ଅନୁଷ୍ଠାନର ନିର୍ବାଚିତ ସମୀକ୍ଷକଙ୍କ ଦ୍ୱାରା ପ୍ରତି ଛଅ ମାସରେ ଆୟବ୍ୟୟ ସମୀକ୍ଷିତ ହେବ । ବର୍ଷ ଶେଷରେ ସରକାରୀ-ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା କରାଇବାକୁ ହେବ ।

**୨୧. କୋଷ (Funds) -** ସଭ୍ୟଶୁଳ୍କ, ଦାନ, ଅନୁଦାନ-ଲବ୍ଧ ଅର୍ଥରେ ଅନୁଷ୍ଠାନର କୋଷ ବା ପାଣ୍ଠି ଗଠିତ ହେବ ।

**୨୨. ବୈଧାନିକ କାର୍ଯ୍ୟାନୁଷ୍ଠାନ (Legal Action) -**

(କ) ସଂପାଦକ ସଂବିଧାନ ବିରୋଧୀ କାର୍ଯ୍ୟ କିମ୍ବା ଅର୍ଥ-ଅବ୍ୟବସ୍ଥା କଲେ, ତାଙ୍କ ବିରୋଧରେ ବୈଧାନିକ କାର୍ଯ୍ୟନୁଷ୍ଠାନ କରାଯିବ । ନିୟମାନୁଯାୟୀ ସେ ବହିଷ୍କୃତ ବା ଦଣ୍ଡିତ ହେବେ ।

(ଖ) ତଦ୍ରୂପ ସଭାପତି ଅନୁଷ୍ଠାନର ନୀତି ବିରୋଧୀ କାର୍ଯ୍ୟ କଲେ ଅନାସ୍ଥା ପ୍ରସ୍ତାବରେ ବହୁମତରେ ବହିଷ୍କୃତ ହେବେ ।

(ଗ) ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସଂବିଧାନ ବିରୋଧୀ କାର୍ଯ୍ୟ ନିମନ୍ତେ ଏତାଦୃଶ କାର୍ଯ୍ୟାନୁଷ୍ଠାନ ପ୍ରଯୁକ୍ତ ହେବ ।

**୨୩. ନିୟମାବଳୀ (Rules) -** ସଂବିଧାନର ବିଭିନ୍ନ ବିଧି ବା ଉପବିଧିର କାର୍ଯ୍ୟକାରିତା ପାଇଁ ନିୟମାବଳୀ ପ୍ରଣୀତ ହେବ । ବିଶେଷ ଭାବରେ ଉପସମିତି ଗୁଡ଼ିକର ପରିଚାଳନା ତଥା କାର୍ଯ୍ୟକାରିତା କ୍ଷେତ୍ରରେ ଏପରି ନିୟମାବଳୀ ଅପରିହାର୍ଯ୍ୟ ହେବ ।

**୨୪. ବିଭଙ୍ଗ ବା ବିଗଠନ (Dissolution) -** ବିଶୃଙ୍ଖଳା, କୁପରିଚାଳନା କିମ୍ବା ସଭ୍ୟମାନଙ୍କର ଅସହଯୋଗରେ ଅନୁଷ୍ଠାନ କାର୍ଯ୍ୟକାରୀ ନହେଲେ, ଏହି ଅନୁଷ୍ଠାନକୁ ଭାଙ୍ଗି ଦିଆଯିବ ଓ ଏହାର ସମସ୍ତ ସଂପତ୍ତି ଅନୁରୂପ କୌଣସି ଅନୁଷ୍ଠାନ କିମ୍ବା ସରକାରଙ୍କୁ ହସ୍ତାନ୍ତର କରାଯିବ ।

**୨୫. ସଂବିଧାନ ସଂଶୋଧନ (Amendment of Bye Law) -** ସମାଜର କାର୍ଯ୍ୟପରିଚାଳନାକୁ ଅଧିକ ସୁଗମ କରିବା ପାଇଁ କିମ୍ବା ସଂବିଧାନରେ କୌଣସି ତ୍ରୁଟି-ନିରାକରଣ ନିମନ୍ତେ ଦୁଇ ତୃତୀୟାଂଶ ସଭ୍ୟଙ୍କ ମତରେ ସେଗୁଡ଼ିକ ସଂଶୋଧିତ ହୋଇପାରିବ ।

**ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ**

ଫ୍ଲାଟ୍ ନଂ ୧, ପ୍ରଥମ ମହଲା, ଷ୍ଟଲ୍‌ୱାର୍ଟସ୍ ରେସିଡେନ୍‌ସି (ଶିରିଡି ସାଇ ମନ୍ଦିର ପାଖ)
ପଟିଆ, ଭୁବନେଶ୍ୱର

# ଅନ୍ତରୀଣ କାର୍ଯ୍ୟନିର୍ବାହିକା-ସମିତି

୧. ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ସାହୁ, ସଭାପତି — ଫୋନ୍- ୯୪୩୭୨୯୧୩୨୦
୯୬୬୮୮୯୧୩୨୦

୨. କୋଦଣ୍ଡ ଚୌଧୁରୀ, କାର୍ଯ୍ୟକାରୀ ସଭାପତି — ଫୋନ୍- ୯୪୩୭୭୧୯୮୦୦

୩. ଉଦୟନାଥ ସାହୁ, ସାଧାରଣ ସଂପାଦକ — ଫୋନ୍ - ୮୪୫୬୦୭୮୭୭୭

୪. କୁନା ସାହୁ, ସଭାପତି-ଯୁବ ସଂଗଠନ — ଫୋନ୍ - ୯୪୩୭୦୫୮୧୫୯

୫. ସୁନନ୍ଦା ଚୌଧୁରୀ, ସଭାପତି-ମହିଳା ସଂଗଠନ — ଫୋନ୍ - ୯୪୩୮୨୯୪୬୨୪

୬. ବିକ୍ରମ କିଶୋର ସାହୁ, ଉପ-ସଭାପତି — ଫୋନ୍- ୯୪୩୭୦୫୭୯୭୫

୭. ଭଗବାନ ବେହେରା, ଉପ-ସଭାପତି — ଫୋନ୍ - ୯୯୩୭୭୨୦୯୬୪

୮. ବିଦ୍ୟାଧର ପାଇକରାୟ, ଉପ-ସଭାପତି — ଫୋନ୍ - ୯୪୩୭୬୫୬୯୬୪

୯. ଶରତ କୁମାର ସାହୁ, କୋଷାଧ୍ୟକ୍ଷ — ଫୋନ୍ - ୯୦୪୦୦୪୨୬୨୨

୧୦. ଯୁଧିଷ୍ଠିର ସାହୁ, ଯୁଗ୍ମ-ସଂପାଦକ — ଫୋନ୍ - ୯୪୩୭୫୫୯୯୬୫

୧୧. ରାମ ବେହେରା, ଯୁଗ୍ମ-ସଂପାଦକ — ଫୋନ୍ - ୯୪୩୭୩୩୯୪୩୨

୧୨. ଉପଦେଷ୍ଟା ଶ୍ରୀଯୁକ୍ତ ପ୍ରତାପ କୁମାର ବେହେରା — ଫୋନ୍ - ୯୪୩୭୦୫୬୪୮୯
*(ସର୍ବଭାରତୀୟ ଉପସଭାପତି)*

## ନିଖିଲ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜର ସଂବିଧାନ ସଂପର୍କିତ

# ନିୟମାବଳୀ

**ଧାରା-୩** । ରାଜ୍ୟ ବହିର୍ଭୁତ ବିଚ୍ଛିନ୍ନ ଓଡିଆ ଅଞ୍ଚଳବାସରୀ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ମାନେ ଆବେଦନ ପୂର୍ବକ 'ନିଖିତ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜ'ର ସଭ୍ୟ ହୋଇପାରିବେ ଏବଂ ସେମାନଙ୍କ ଅଞ୍ଚଳ ଉକ୍ତ ସମାଜର ପରିସରଭୁକ୍ତ ହୋଇପାରିବ ।

**ଧାରା-୫** । ପରିଭାଷାର ତର୍ଜମାରେ କୌଣସି ମତ ଦ୍ୱୈଧ ହେଲେ, କାର୍ଯ୍ୟନିର୍ବାହିକା ସମିତିର ତର୍ଜମା ଚୂଡାନ୍ତ ବିବେଚିତ ହେବ ।

**ଧାରା-୬** । **(କ)** ଜାତି-ଧର୍ମ-ବର୍ଣ୍ଣ-ନିରପେକ୍ଷ ଭାରତରେ ମହାଭାରତୀୟ ଜାତିସହ ସମକକ୍ଷ ଭାବରେ ସାମିଲ ହେବା ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜର ଲକ୍ଷ୍ୟ । ଏହି ମହାନ୍ ଲକ୍ଷ୍ୟ ପ୍ରତି ମୋର ଏକାନ୍ତ ବିଶ୍ୱାସ ଓ ମାନ୍ୟତା ରହିଛି । ସକଳ ପ୍ରକାର ସହଯୋଗ, ସହାବସ୍ଥାନ, ଶାନ୍ତି-ମୈତ୍ରୀ-ଭିତ୍ତିକ ପନ୍ଥାରେ ଉକ୍ତ ଲକ୍ଷ୍ୟ ହାସଲ ପାଇଁ ମୁଁ ଶପଥ ଗ୍ରହଣ କରୁଛି ଏବଂ ନିର୍ଦ୍ଦିଷ୍ଟ ଏକଶହ ଟଙ୍କା ମାତ୍ର ସଭ୍ୟ-ଶୁଳ୍କ ଦାନ ପୂର୍ବକ ସଭ୍ୟ ଶ୍ରେଣୀଭୁକ୍ତ ହେଉଅଛି ।

ସ୍ୱାକ୍ଷର -
ତା-
ସ୍ଥାୟୀ ଠିକଣା- ଗ୍ରାମ-
ଡାକଘର -
ଜିଲ୍ଲା -
ବର୍ତ୍ତମାନର ଠିକଣା- ଗ୍ରାମ -
ଡାକଘର-
ଜିଲ୍ଲା-

ସଭ୍ୟମାନେ ବାର୍ଷିକ ଦଶଟଙ୍କା ନବୀକରଣ ଶୁଳ୍କ ଦେଇ ସଦସ୍ୟତା ବା ସଭ୍ୟପଦ ବଜାୟ ରଖିବେ ।

**ଧାରା-୯** । **(ଖ)** ବିଭିନ୍ନ ଉପସମିତିର ସଭ୍ୟସଂଖ୍ୟା ତିନିରୁ ପାଞ୍ଚ ହେବ ଏବଂ ସେମାନେ କାର୍ଯ୍ୟନିର୍ବାହିକା-ସମିତିଦ୍ୱାରା ମନୋନୀତ ହେବେ । ସଂପୃକ୍ତ ଉପସମିତିର ମନୋନୀତ ସଭ୍ୟାନେ ସେମାନଙ୍କର ଆବାହକ ବା ସଭାପତି ନିର୍ବାଚନ ପୂର୍ବକ ସମିତିର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ ଏବଂ ତାହାକୁ କାର୍ଯ୍ୟନିର୍ବାହିକା ସମିତି ଦ୍ୱାରା ଅନୁମୋଦିତ କରାଇ ନେଲା ପରେ କାର୍ଯ୍ୟକାରୀ କରିବେ ।

**ଧାରା-୧୮** । ସଂପାଦକ ଓ କୋଷାଧକ୍ଷଙ୍କ ଯୁଗ୍ମନାମରେ ମନୋନୀତ ଡାକଘର ବା ବ୍ୟାଙ୍କ୍‌ରେ ଅର୍ଥ ଜମା ରହିବ । କେବଳ କାର୍ଯ୍ୟନିର୍ବାହିକା ସମିତିର ଅନୁମୋଦିତ ଅର୍ଥ ଯୁଗ୍ମ ନାମରେ ଉଠାଯାଇ ପାରିବ । ବିଶେଷ ତଥା ତୁରନ୍ତ ଆବଶ୍ୟକତା ସ୍ଥଳରେ ସଭାପତି ବିଶେଷ ଅଧିକାର ବଳରେ ନଅହଜାର ଟଙ୍କା ଯୁଗ୍ମନାମରେ ଉଠାଇବାକୁ ଅନୁମତି ଦେଇପାରିବେ ।

**ଧାରା-୨୦** । ଆୟବ୍ୟୟ ସମୀକ୍ଷାରୁ ଅର୍ଥର ଅପବ୍ୟବହାର ବା ଆତ୍ମସାତ କରିବା ପରିଲକ୍ଷିତ ହେଲେ, ସଂପୃକ୍ତ ବ୍ୟୟକାରୀଙ୍କୁ ଦାୟୀ କରାଯିବ ଏବଂ ଉକ୍ତ ଅର୍ଥ ତାଙ୍କଠାରୁ ଆଦାୟ କରାଯିବ ।

**ଧାରା-୨୨** । **(ଖ)** ସଭାପତି ଅନୁଷ୍ଠାନର ନୀତିବିରୋଧୀ କାର୍ଯ୍ୟକଲେ କାର୍ଯ୍ୟନିର୍ବାହିକା ସମିତିର ବହୁମତରେ ଆହୂତ ସାଧାରଣ ଅଧିବେଶନରେ ଅର୍ଦ୍ଧାଧିକ ମତ ତାଙ୍କ ବିରୋଧରେ ଗଲେ ସେ ବହିଷ୍କୃତ ହେବେ । ଉକ୍ତ ଅଧିବେଶନରେ ନୂତନ ସଭାପତି ମଧ୍ୟ ନିର୍ବାଚିତ ହେବେ ।

**(କ)** ଓ **(ଗ)** ସଂପାଦକ ବା ଅନ୍ୟାନ୍ୟ କର୍ମକର୍ତ୍ତା ବହିଷ୍କୃତ ହେଲେ, ସେମାନଙ୍କ ସହଯୋଗୀ କର୍ମକର୍ତ୍ତା ବା କୌଣସି କାର୍ଯ୍ୟନିର୍ବାହୀ ସଭ୍ୟ ସେମାନଙ୍କ ଦାୟିତ୍ୱ ତୁଲାଇବା ପାଇଁ ସଭାପତିଙ୍କ ଦ୍ୱାରା ମନୋନୀତ ହେବେ ।

# **ଶପଥ ପତ୍ର**

ଜାତି-ଧର୍ମ-ବର୍ଣ୍ଣ-ନିରପେକ୍ଷ ଭାରତରେ ମହାଭାରତୀୟ ଜାତିସହ ସମକକ୍ଷ ଭାବରେ ସାମିଲ ହେବା ନିଖିଳ ଉତ୍କଳ ହୈହୟ କ୍ଷତ୍ରିୟ (ଶୌଣ୍ଡିକ) ସମାଜର ଲକ୍ଷ୍ୟ । ଏହି ମହାନ୍ ଲକ୍ଷ୍ୟ ପ୍ରତି ମୋର ଏକାନ୍ତ ବିଶ୍ୱାସ ଓ ମାନ୍ୟତା ରହିଛି । ସକଳ ପ୍ରକାର ସହଯୋଗ, ସହାବସ୍ଥାନ, ଶାନ୍ତି-ମୈତ୍ରୀ-ଭିତ୍ତିକ ପନ୍ଥାରେ ଉକ୍ତ ଲକ୍ଷ୍ୟ ହାସଲ ପାଇଁ ମୁଁ ଶପଥ ଗ୍ରହଣ କରୁଛି ଏବଂ ନିର୍ଦ୍ଦିଷ୍ଟ ଏକଶହ ଟଙ୍କା ମାତ୍ର ସଭ୍ୟ-ଶୁଲ୍କ ଦାନ ପୂର୍ବକ ସଭ୍ୟ ଶ୍ରେଣୀଭୁକ୍ତ ହେଉଅଛି ।

ସ୍ୱାକ୍ଷର -

ତା-

ସ୍ଥାୟୀ ଠିକଣା-

ଗ୍ରାମ-

ଡାକଘର -

ଜିଲ୍ଲା -

ଫୋନ୍ ନମ୍ବର -

ଇମେଲ୍ -

ବର୍ତ୍ତମାନର ଠିକଣା-

ଗ୍ରାମ -

ଡାକଘର-

ଜିଲ୍ଲା-

ଇମେଲ୍ -